# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

**10 June – 2026**

************************************

## ମୁଖ୍ୟ ସମ୍ବାଦ

- ଭାରତର ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ସର୍ବାଧିକ ଦିନ ଦାୟିତ୍ୱ ନିର୍ବାହ କରି ଇତିହାସ ରଚିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ

- ପ୍ରଧାନମନ୍ତ୍ରୀଙ୍କୁ ସମ୍ମାନ ଜଣାଇ କେନ୍ଦ୍ର କ୍ୟାବିନେଟ୍‌ରେ ପାରିତ ହେଲା ସଂକଳ୍ପ

- ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ନେଇ ଆଜିଠାରୁ ଆରମ୍ଭ ହେଲା ଦୁଇଦିନିଆ ପ୍ରଶିକ୍ଷଣ ଶିବିର

- ନୀତି ଆୟୋଗ ବୈଠକରେ ଯୋଗଦେବା ପାଇଁ ନୂଆଦିଲ୍ଲୀ ଗସ୍ତରେ ମୁଖ୍ୟମନ୍ତ୍ରୀ

ଏବଂ

- ଚଳିତ ସପ୍ତାହ ଶେଷ ସୁଦ୍ଧା ଦକ୍ଷିଣ–ପଶ୍ଚିମ ମୌସୁମୀ ବାୟୁ ରାଜ୍ୟକୁ ପ୍ରବେଶ କରିବା ନେଇ ପାଣିପାଗ ବିଭାଗର ଅନୁମାନ

# ପ୍ରଧାନମନ୍ତ୍ରୀ-୧

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ଭାରତର ସବୁଠାରୁ ଅଧିକ ସମୟ ପର୍ଯ୍ୟନ୍ତ ଦାୟିତ୍ୱ ନିର୍ବାହ କରି ଇତିହାସ ସୃଷ୍ଟି କରିଛନ୍ତି । ୨୦୧୪ ମସିହା ମେ' ମାସ ୨୬ ତାରିଖରେ ଶ୍ରୀ ମୋଦୀ ଭାରତର ପ୍ରଧାନମନ୍ତ୍ରୀ ଭାବେ ପ୍ରଥମଥର ପାଇଁ ଶପଥ ଗ୍ରହଣ କରିଥିଲେ । ଶ୍ରୀ ମୋଦୀ ପ୍ରଧାନମନ୍ତ୍ରୀ ଭାବେ ଆଜି ସୁଦ୍ଧା ୪ ହଜାର ୩୯୯ଦିନ ଦାୟିତ୍ୱ ନିର୍ବାହ କରିସାରିଲେଣି । ଏ କ୍ଷେତ୍ରରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ କାର୍ଯ୍ୟକାଳ ଅବଧିକୁ ଶ୍ରୀ ମୋଦୀ ଅତିକ୍ରମ କରିଛନ୍ତି । ୧୯୫୨ ମସିହା ମେ ମାସ ୧୩ ତାରିଖରେ ପଣ୍ଡିତ ନେହେରୁ ଦେଶର ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ । ୧୯୬୪ ମସିହା ମେ ମାସ ୨୭ ତାରିଖ ପର୍ଯ୍ୟନ୍ତ ସେ ପ୍ରଧାନମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ନିର୍ବାଚିତ ପ୍ରଧାନମନ୍ତ୍ରୀ ଭାବେ ପଣ୍ଡିତ ନେହରୁଙ୍କର କାର୍ଯ୍ୟକାଳ ୪ ହଜାର ୩୯୮ ଦିନ ଥିଲା । ସାଧାରଣ - ସାମାଜିକ, ଆର୍ଥିକ ପୃଷ୍ଠଭୂମିରୁ ସର୍ବୋଚ୍ଚ ନିର୍ବାଚିତ ପଦବୀକୁ ଶ୍ରୀ ମୋଦୀଙ୍କ ଉତ୍ଥାନ ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାରେ ରହିଥିବା ସୁଯୋଗ ଏବଂ ସାମାଜିକ ଗତିଶୀଳତାର ଏକ ଉଦାହରଣ ପାଲଟିଛି ।

ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ ବିଶ୍ୱର ଦ୍ରୁତ ଗତିଶୀଳ ପ୍ରମୁଖ ଅର୍ଥନୀତି ଭାବରେ ନିଜର ସ୍ଥିତିକୁ ସୁଦୃଢ଼ କରିପାରିଛି । ୩୦ରୁ ଅଧିକ

ରାଷ୍ଟ୍ର ଶ୍ରୀ ମୋଦୀଙ୍କୁ ସେହି ଦେଶଗୁଡ଼ିକର ସର୍ବୋଚ୍ଚ ନାଗରିକ ସମ୍ମାନରେ ସମ୍ମାନିତ କରିଛନ୍ତି । ବୈଶ୍ୱିକ କ୍ଷେତ୍ରରେ ବିଭିନ୍ନ ରାଷ୍ଟ୍ର ଶ୍ରୀ ମୋଦୀଙ୍କୁ ସର୍ବାଧିକ ଲୋକପ୍ରିୟ ଗଣତାନ୍ତ୍ରିକ ନେତା ଭାବେ ମାନ୍ୟତା ପ୍ରଦାନ କରିଛନ୍ତି । ଏହି ସଫଳତା ପାଇଁ ବିଶ୍ୱର କୋଣ ଅନୁକୋଣର ଶ୍ରୀ ମୋଦୀଙ୍କୁ ଶୁଭେଚ୍ଛା ବାର୍ତ୍ତାର ସୁଅ ଛୁଟୁଛି ।

Desk

## କ୍ୟାବିନେଟ୍

ଦେଶର ସବୁଠାରୁ ଦୀର୍ଘସମୟ ଧରି ନିର୍ବାଚିତ ପ୍ରଧାନମନ୍ତ୍ରୀ ହୋଇଥିବାରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ କେନ୍ଦ୍ର କ୍ୟାବିନେଟ୍‌ରେ ପ୍ରଶଂସା କରାଯାଇଛି । ଏ ନେଇ ଏକ ସଂକଳ୍ପ ପାରିତ କରାଯିବା ସହ କ୍ୟାବିନେଟ୍ ସଦସ୍ୟମାନେ ଛିଡ଼ା ହୋଇ ଶ୍ରୀ ମୋଦୀଙ୍କୁ ସମ୍ମାନ ପ୍ରଦର୍ଶନ କରିଛନ୍ତି ।

I&PR

## ଓଡ଼ିଆ ଭାଷା ବ୍ୟବହାର

ସରକାରୀ କାର୍ଯ୍ୟରେ ଓଡ଼ିଆ ଭାଷାର ବ୍ୟବହାର ପାଇଁ ସରକାରୀ ଅଧିକାରୀମାନଙ୍କର ଦୁଇଦିନିଆ ପ୍ରଶିକ୍ଷଣ ଶିବିର ଭୁବନେଶ୍ୱରରେ ଆଜିଠାରୁ ଆରମ୍ଭ ହୋଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ରାଜ୍ୟ ସରକାରଙ୍କର ୨୩ଟି ବିଭାଗ ଓ ୫ଟି ନିର୍ଦ୍ଦେଶାଳୟରେ ୨୦୫ ଜଣ ସରକାରୀ ଅଧିକାରୀ ଯୋଗ ଦେଇଛନ୍ତି । ଶିବିରର ପ୍ରଥମ ଦିନରେ ଆଜି ଓଡ଼ିଆ ଶବ୍ଦ ଭଣ୍ଡାରର ବ୍ୟବହାରିକ ରୂପ, କମ୍ପ୍ୟୁଟରରେ ଓଡ଼ିଆ ଟାଇପ୍, ଓସ୍ୱାସ୍‌ରେ ସରକାରୀ

କାର୍ଯ୍ୟ ସମ୍ପାଦନ, ଇଂରାଜୀରୁ ଓଡ଼ିଆ ଅନୁବାଦ, ଓଡ଼ିଆରେ ଟିପ୍ପଣୀ, ଚିଠା ଏବଂ ଆଦେଶନାମା  ପ୍ରସ୍ତୁତି ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଇଛି ।

I&PR

## ଓଇଆର୍‌ସି ସଦସ୍ୟ ଶପଥ ପାଠ

ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ– ଓ.ଇ.ଆର୍.ସି.'ର ସଦସ୍ୟଭାବେ ସୁଧାଂଶୁ ଶେଖର ବଡ଼ପଣ୍ଡା ଆଜି ଶପଥ ନେଇଛନ୍ତି । ଓ.ଇ.ଆର୍.ସି. କାର୍ଯ୍ୟାଳୟ ପରିସରରେ ଶକ୍ତି ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବ ତାଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥିଲେ । ଏହି ସମାରୋହରେ ଶକ୍ତି ବିଭାଗ, ଓ.ଏଚ୍.ପି.ସି., ଗ୍ରୀଡ୍‌କୋ, ଓ.ପି.ଟି.ସି.ଏଲ୍, ଓ.ଇ.ଆର୍.ସି.ର ବରିଷ୍ଠ ଅଧିକାରୀ ଏବଂ ବିଦ୍ୟୁତ୍ କ୍ଷେତ୍ରର ବିଭିନ୍ନ ସଂସ୍ଥାର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

BBSR/R

## ନୀତି ଆୟୋଗ ବୈଠକ

ନୀତି ଆୟୋଗର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଆସନ୍ତାକାଲି ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ସମେତ ଅନ୍ୟ ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ବୈଠକରେ ଯୋଗଦେବେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଓଡ଼ିଶା ସ୍ୱାର୍ଥ ସମ୍ବନ୍ଧୀୟ ତଥ୍ୟ ଉପସ୍ଥାପନ କରିବେ ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି ।

I&PR

## ସହଯୋଗ ଯୋଜନା

ସହରାଞ୍ଚଳରେ ବାସ କରୁଥିବା ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଏବଂ ବଞ୍ଚିତ ବର୍ଗର ଲୋକମାନଙ୍କୁ ବିଭିନ୍ନ ସରକାରୀ କଲ୍ୟାଣକାରୀ ଯୋଜନା ସହିତ ଯୋଡ଼ିବା ଉଦ୍ଦେଶ୍ୟରେ ଗୃହ ଓ ନଗର ଉନ୍ନୟନ ବିଭାଗ ଏବଂ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ପକ୍ଷରୁ 'ସହଯୋଗ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। କାର୍ଯ୍ୟକ୍ରମ ମାଧ୍ୟମରେ ସହରାଞ୍ଚଳର ଆର୍ଥିକ ଦୁର୍ବଳ ବର୍ଗର ପରିବାର ବିଭିନ୍ନ ସରକାରୀ ସୁବିଧା ସହ ଯୋଡ଼ି ହୋଇପାରିଛନ୍ତି ବୋଲି ଗୃହ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ କୁହାଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ଭୁବନେଶ୍ୱରଠାରେ ଓଡ଼ିଶା ଅର୍ବାନ୍ ଏକାଡେମୀରେ ସହଯୋଗ କାର୍ଯ୍ୟକ୍ରମର ତୃଣମୂଳସ୍ତରରେ କାର୍ଯ୍ୟ କରୁଥିବା କର୍ମୀମାନଙ୍କ ପାଇଁ ଏକ ଦିନିକିଆ କର୍ମଶାଳା ଆୟୋଜିତ ହୋଇଥିଲା। ସହଯୋଗ ସର୍ଭେ ସମୟରେ ପଚରା ଯାଉଥିବା ପ୍ରଶ୍ନ ଏବଂ ସେଗୁଡ଼ିକର ଉତ୍ତର ସମ୍ବଳିତ ଏକ ପୁସ୍ତିକାକୁ ବିଭାଗୀୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ ଉନ୍ମୋଚନ କରିଥିଲେ। ସହଯୋଗ କାର୍ଯ୍ୟକ୍ରମ ଦ୍ୱାରା ଲୋକମାନଙ୍କର ଜୀବନଶୈଳୀରେ ଆସିଥିବା ପରିବର୍ତ୍ତନ ଓ କାର୍ଯ୍ୟକ୍ରମକୁ ଆହୁରି ପ୍ରଭାବଶାଳୀ କରିବା ନେଇ ବିଭିନ୍ନ ଜିଲ୍ଲାରୁ ଆସିଥିବା ସ୍ୱଚ୍ଛସାଥୀ ଓ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟା ଏବଂ ବସ୍ତିବାସିନ୍ଦା ସଂଘର ପ୍ରତିନିଧିମାନେ ମତ ରଖିଥିଲେ।

Rayagada

## ଦିଶା ବୈଠକ

ରାୟଗଡ଼ା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲା ବିକାଶ ସମନ୍ୱୟ ଓ ନିରୀକ୍ଷଣ କମିଟି– ଦିଶା' ବୈଠକ ଅନୁଷ୍ଠିତ ହୋଇଯାଇଛି।

କୋରାପୁଟ ସାଂସଦ ତଥା କମିଟିର ସଭାପତି ସପ୍ତଗିରି ଉଲାକାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ପୂର୍ବତଟ ରେଳବାଇ ଅଧୀନରେ ଚାଲିଥିବା ବିଭିନ୍ନ ରେଳ ପ୍ରକଳ୍ପ ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ଜାତୀୟ ରାଜପଥ- ୩୨୬, ବିଏସ୍ଏନ୍ଏଲ୍ର ୬୬ଟି ଫୋର୍-ଜି ଟାୱାର ସ୍ଥାପନ ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ଆଇ.ଟି.ଡି.ଏ ପକ୍ଷରୁ ଧର୍ତ୍ତି ଆବା ଜନଜାତୀୟ ଗ୍ରାମ ଉତ୍କର୍ଷ ଅଭିଯାନ ଅନ୍ତର୍ଗତ ୪୨୦ଟି ଗ୍ରାମର ତାଲିକା ଏବଂ ପି.ଏମ୍.ଜି.ଏସ୍.ୱାଇ'ର ଅଗ୍ରଗତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ରାୟଗଡ଼ା ବିଧାୟକ ଆପାଲାସ୍ୱାମୀ କାଡ୍ରାକା, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଓ ଜିଲ୍ଲାପାଳ ପ୍ରମୁଖ ଉପସ୍ଥିତ ଥିଲେ।

Keonjhar

## ପେଟ୍ରୋଲ ବଣ୍ଟନ

କେନ୍ଦୁଝର ଜିଲ୍ଲାରେ ପେଟ୍ରୋଲିୟମ ସାମଗ୍ରୀର ନିରବଚ୍ଛିନ୍ନ ଯୋଗାଣ ବଣ୍ଟନ ଏବଂ କଳାବଜାର ରୋକିବା ଲକ୍ଷ୍ୟରେ ଆଜି ଜିଲ୍ଲାପାଳ ବିଶାଳ ସିଂହଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଂକଟ ପରିଚାଳନା ଗୋଷ୍ଠୀର ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାରେ ପେଟ୍ରୋଲ, ଡିଜେଲ ଏବଂ ରନ୍ଧନ ଗ୍ୟାସ ଭଳି ଜରୁରୀ ପେଟ୍ରୋଲିୟମ୍ ସାମଗ୍ରୀର ସ୍ଥିତି ଓ ଉପଲବ୍ଧତା ସମ୍ପର୍କରେ ସମୀକ୍ଷା କରାଯାଇଥିଲା। ହରିଚନ୍ଦନପୁର, ବାଂଶପାଳ ଏବଂ ତେଲକୋଇ ବ୍ଲକରେ ପେଟ୍ରୋଲିୟମ୍ ସାମଗ୍ରୀର ସୁବିଧା ଜନକ ବଣ୍ଟନ ଉପରେ ଅଧିକ ଗୁରୁତ୍ୱ ଦେବା ପାଇଁ ଜିଲ୍ଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ଏଥିସହିତ ବିଭିନ୍ନ

ତୈଳ କମ୍ପାନୀର ପ୍ରତିନିଧିମାନଙ୍କୁ ନିରବଚ୍ଛିନ୍ନ ଯୋଗାଣ ବଜାୟ ରଖିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

Desk

## ଦିଘା ଧାମ

ପଶ୍ଚିମବଙ୍ଗ ଦିଘାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରୁ ଧାମ ଶବ୍ଦ ଅପସାରଣ କରାଯାଇଛି। ଏନେଇ ଗତକାଲି ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ' ଶ୍ରୀ ଅଧିକାରୀଙ୍କୁ ଏନେଇ ପତ୍ର ଲେଖି ଅନୁରୋଧ କରିଥିଲେ । ଶ୍ରୀ ମାଝୀ ପତ୍ରରେ ଲେଖିଥିଲେ, ଦିଘା ଜଗନ୍ନାଥଧାମ ନାମକରଣ ଶ୍ରଦ୍ଧାଳୁଙ୍କ ଭାବାବେଗକୁ ଆଘାତ ଦେଉଛି । ଏ ସଂକ୍ରାନ୍ତରେ ମୁଖ୍ୟମନ୍ତ୍ରୀ ଶ୍ରୀ ଅଧିକାରୀଙ୍କୁ ବ୍ୟକ୍ତିଗତ ଭାବେ ହସ୍ତକ୍ଷେପ କରିବାକୁ ଶ୍ରୀ ମାଝୀ ଅନୁରୋଧ କରିଥିଲେ ।

Malkangiri

## ବିମାନ ବନ୍ଦର ସମୀକ୍ଷା

ମାଲକାନଗିରିରେ ନିର୍ମାଣଧୀନ ବିମାନ ବନ୍ଦର କାର୍ଯ୍ୟର ଆଜି ସମୀକ୍ଷା କରାଯାଇଛି। ପୂର୍ତ୍ତ ବିଭାଗ (ରାସ୍ତା)ର ସର୍ବୋଚ୍ଚ ଯନ୍ତ୍ରୀ ଶିବବ୍ରତ ତିରିଆ ବିମାନ ବନ୍ଦରରେ ଚାଲିଥିବା କାର୍ଯ୍ୟର ସମୀକ୍ଷା କରିବା ସହିତ ରନ୍‌ୱେ, ଟିକେଟ୍ କାଉଣ୍ଟର  ନିର୍ମାଣ କାର୍ଯ୍ୟର ଯାଞ୍ଚ କରିଛନ୍ତି। ସୂଚନା ଅନୁସାରେ, ଖୁବ୍‌ଶୀଘ୍ର ବିମାନ ବନ୍ଦରର ଟ୍ରାଏଲ ରନ୍ ହେବ ବୋଲି ଜଣାପଡ଼ିଛି।

Desk

## ଓଡ଼ିଶୀ ନୃତ୍ୟ କର୍ମଶାଳା

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରଠାରେ ବିଶିଷ୍ଟ ନୃତ୍ୟଶିଳ୍ପୀ ପଦ୍ମଶ୍ରୀ ମାଧବୀ ମୁଦଗଲଙ୍କ ନିର୍ଦ୍ଦେଶନାରେ ଆଜିଠାରୁ ଓଡ଼ିଶୀ ନୃତ୍ୟ କର୍ମଶାଳା ଆରମ୍ଭ ହୋଇଛି। ଏହା ୧୨ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ଗୁରୁ କେଳୁଚରଣ ମହାପାତ୍ରଙ୍କ ଦ୍ୱାରା ସଂଯୋଜିତ 'ଖ–ଚମ୍ପୁ' ଆଧାରିତ ଅଭିନୟର ପଦ୍ମଶ୍ରୀ ମୁଦଗଲ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। କର୍ମଶାଳାରେ ୫୦ରୁ ଅଧିକ ନୃତ୍ୟଶିଳ୍ପୀ ଅଂଶଗ୍ରହଣ କରିଛନ୍ତି।

Nuapada

## ରବିଧାନ କିଣା

ନୂଆପଡ଼ା ଜିଲ୍ଲାରେ ରବିଧାନ କିଣା ପ୍ରକ୍ରିୟାରେ ବର୍ତ୍ତମାନ ସୁଦ୍ଧା ୫୦ଟି ଧାନକ୍ରୟ କେନ୍ଦ୍ର ମାଧ୍ୟମରେ ୨ହଜାର ୫୭୭ ଜଣ ଚାଷୀଙ୍କଠାରୁ ୧ ଲକ୍ଷ ୩୩ ହଜାର ୧୪୬ କୁଇଣ୍ଟାଲ ଧାନ କିଣାଯାଇଛି ବୋଲି ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି। ଚାଷୀମାନଙ୍କୁ ସୁବିଧାଜନକ ପରିବେଶରେ ଧାନ ବିକ୍ରି କରିବା ପାଇଁ ସୁଯୋଗ ଦେବା ସହିତ ସ୍ୱଚ୍ଛ ଓ ଶୃଙ୍ଖଳିତ ବ୍ୟବସ୍ଥା ସୁନିଶ୍ଚିତ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଆମ ସମ୍ବାଦଦାତା ଜଣାଇଛନ୍ତି।

Desk

## ପାଣିପାଗ

ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରର କେତେକ ସ୍ଥାନ, ପଶ୍ଚିମ କେନ୍ଦ୍ରୀୟ ଉତ୍ତର ପଶ୍ଚିମ ବଙ୍ଗୋପସାଗରର କେତେକ ଅଞ୍ଚଳରେ  ଖୁବ୍‌ଶୀଘ୍ର ମୌସୁମୀ ପ୍ରବେଶ କରିବାର ସମ୍ଭାବନା ରହିଛି।  ଏହାର ପ୍ରଭାବରେ ଚଳିତ ସପ୍ତାହର ଶେଷ ଆଡ଼କୁ ମୌସୁମୀ ବାୟୁ ଓଡ଼ିଶାକୁ ଆଗମନ କରିବା ନେଇ ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଅନୁମାନ କରାଯାଇଛି। ପାଗ ଅନୁକୂଳ ଥିବାରୁ ରାଜ୍ୟର କେତେକ ସ୍ଥାନରେ ପ୍ରାକ୍ ମୌସୁମୀ ବର୍ଷା ଲାଗି ରହିଛି। ଅନ୍ୟପକ୍ଷରେ ଆସନ୍ତା ସୋମବାର ପର୍ଯ୍ୟନ୍ତ ରାଜ୍ୟର ବିଭିନ୍ନ ସ୍ଥାନରେ କାଳବୈଶାଖୀର ପ୍ରଭାବ ରହିବ ଏବଂ ବଜ୍ରପାତ ସହିତ ବର୍ଷା ହେବା ନେଇ ଅନୁମାନ କରାଯାଇଛି।